## ସାଇବର ସଚେତନତା ରାଲି

ଗୋପବନ୍ଧୁ ନଗର, (ଶାନ୍ତନୁ କୁମାର ମଣ୍ଡୁଆଳ): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ପୋଲିସ ପକ୍ଷରୁ ଡୁକୁରାଠାରେ ସାଇବର ସୁରକ୍ଷା ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୁଜାତା ଖମାରୀଙ୍କ ନେତୃତ୍ୱରେ ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତିଙ୍କ ସମେତ ଥାନାର ବହୁ କର୍ମଚାରୀ ଓ ସ୍ଥାନୀୟ ଯୁବଗୋଷ୍ଠୀ ଯୋଗଦେଇ ଡୁକୁରା ଡାକ୍ତରଖାନାଠାରୁ ଏକ ରାଲିରେ ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ସାଇବର ଠକେଇଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ସଂକ୍ଷେପରେ

### ଜିଲାସ୍ତରୀୟ ଲୋକ ଅଦାଲତ ୭୬୬ ମାମଲାର ଆପୋସ ସମାଧାନ

ଭଦ୍ରକ,୧୫।୧୦(ସନାତନ ରାଉତ/ରବିନାରାୟଣ ଖିଲାର)- ଭଦ୍ରକ ଜିଲା କୋର୍ଟ ପରିସରରେ ତୃତୀୟ ଜିଲାସ୍ତରୀୟ ଲୋକ ଅଦାଲତ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ଲୋକଅଦାଲତରେ ୭୬୬ଟି ମକଦ୍ଦମାର ଆପୋସ ସମାଧାନ ହୋଇଛି। ବିଭିନ୍ନ ମୋଟରଯାନ ଦୁର୍ଘଟଣାଜନିତ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ୩ ମାମଲା, ୧୩ଟି ବୈବାହିକ ବିବାଦ, ୭୪୪ଟି ରାଜସ୍ୱ ମକଦ୍ଦମା, ୫ଟି ଉପଭୋକ୍ତା ବିବାଦ ମାମଲା ଫଇସଲା କରାଯାଇଛି। ମୋଟ ୪୧,୯୯,୯୭୭ ଟଙ୍କା ଆଦାୟ କରାଯାଇଛି। ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ।

### ଆରଡ଼ିଛକରୁ ଯୁବକଙ୍କ ମୃତଦେହ ଜବତ

ଭଦ୍ରକ,୧୫।୧୦(ସନାତନ ରାଉତ)- ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଆରଡ଼ିଛକ ନିକଟରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ତିହିଡ଼ି ଗ୍ରାମର ଦୀପକ ଓଝା(୩୦)। ସୂଚନା ଅନୁଯାୟୀ, ସକାଳେ ରାସ୍ତାପାର୍ଶ୍ୱରେ ଦୀପକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଜବତ କରିଥିଲା। ସେଠାରେ ଦୀପକଙ୍କ ବାଇକ୍ ଥିବା ବେଳେ ପାଟିରେ ସିଗାରେଟ୍ ଓ ହାତରେ ଦିଆସିଲି ଧରି ଧରିଥିବା ଦେଖିବାକୁ ମିଳିଥିଲା। ନିଶା ସେବନ ଯୋଗୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଚାନ୍ଦମଣି ବେଳାଭୂମିରୁ ମୃତଦେହ ଜବତ

ବାଲିଆପାଳ,୧୫।୧୦(ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଚାନ୍ଦମଣି ସମୁଦ୍ର ବେଳାଭୂମିରୁ ରବିବାର ପୋଲିସ ଏକ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଚାନ୍ଦମଣି ଅଞ୍ଚଳର ମତ୍ସ୍ୟଜୀବୀମାନେ ରବିବାର ସକାଳେ ମାଛ ଧରିବାପାଇଁ ଯିବା ସମୟରେ ସମୁଦ୍ର କୂଳରେ ଏକ ମୃତଦେହକୁ ଦେଖି ବାଲିଆପାଳ ପୋଲିସକୁ ଖବର ଦେଇଥିଲେ। ଥାନା ଏଏସ୍ଆଇ ରାମଚନ୍ଦ୍ର ପୂର୍ଦ୍ଧୁଲ୍ ଓ ଜ୍ୟୋତିରଞ୍ଜନ ମିଶ୍ର ପହଞ୍ଚି ମୃତଦେହ ଜବତ କରିଥିଲେ।

# ମହୀଶୂର ରାଜାଙ୍କ ରାଜବାଟୀ ମୂର୍ତ୍ତି ସହ ରହିଛି ସାମଞ୍ଜସ୍ୟ

ବାଲେଶ୍ୱର,୧୫।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ସହରରେ ଚଳିତବର୍ଷ ୯୬ରୁ ଅଧିକ ଦୁର୍ଗାମେଢ଼ ଦେଖିବାକୁ ମିଳିବ। ବହୁ ଆଡ଼ମ୍ବରରେ ଏହି ମଣ୍ଡପଗୁଡ଼ିକରେ ପୂଜାର୍ଚ୍ଚନା କରାଯିବା ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ବାରବାଟୀସ୍ଥିତ ମଦନ ଦାସଙ୍କ ପରିବାରରେ ୧୭୮ ବର୍ଷରେ ଦୁର୍ଗାପୂଜା ପଦାର୍ପଣ କରିଛି। ଏହା ସର୍ବପୁରାତନ ଦୁର୍ଗା ପୂଜା ଉତ୍ସବର ମାନ୍ୟତା ପାଇଛି। ମହିଶୂର ରାଜାଙ୍କ ରାଜବାଟିରେ ପୂଜା ପାଉଥିବା ଦୁର୍ଗା ମୂର୍ତ୍ତି ସହ ମଦନ ଦାସଙ୍କ ପରିବାରରେ ପୂଜା ହେଉଥିବା ମୂର୍ତ୍ତି ମଧ୍ୟରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳେ ବୋଲି ଉକ୍ତ ପରିବାରର ସଦସ୍ୟ ଅନନ୍ତ ଗୋପାଳ ଦାସ କୁହନ୍ତି।

କିମ୍ବଦନ୍ତୀ ଅନୁସାରେ ମଦନ ଦାସଙ୍କ ପୂର୍ବପୁରୁଷ ବଣିକ ଥିଲେ। ବାଣିଜ୍ୟ ବ୍ୟବସାୟ କରି ବାଲେଶ୍ୱର ଜିଲାରେ ପ୍ରତିଷ୍ଠିତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେମାନେ ଜମିଦାର ହୋଇଥିଲେ। ଏହି ଅବସ୍ଥାରେ ତତ୍କାଳୀନ ପରିବାର ମୁଖ୍ୟଙ୍କୁ ଶକ୍ତିପୂଜା ପାଇଁ ସ୍ୱପ୍ନାଦେଶ ହୋଇଥିଲା। ପରଦିନ ଜଣେ ମହିଳା ବଳଙ୍ଗ ନଦୀ ବାଲିଘାଟରେ



ମଦନ ଦାସଙ୍କ ଘରେ ପୂଜା ପାଉଥିବା ଦୁର୍ଗା ମୂର୍ତ୍ତି (ଫାଇଲ୍ ଫଟୋ)।



ମଦନ ଦାସ ପରିବାରର ମନ୍ଦିର।

ପହଞ୍ଚି ଡଙ୍ଗାରେ ବସିଥିଲେ। ନଦୀ ପାର ହେଲା ପରେ ନାଉରିଆ ତାଙ୍କୁ ଟଙ୍କା ମାଗିବାରୁ ମହିଳାଜଣକ ମଦନ ଦାସଙ୍କ ପରିବାର ତାଙ୍କର ବାପଘର ବୋଲି ପରିଚୟ ଦେଇଥିଲେ। ଡଙ୍ଗାର ଭଡ଼ା ମଦନ ଦାସଙ୍କଠାରୁ ନେବା ପାଇଁ କହିଥିଲେ। ନାଉରିଆ କାମ ସାରି ମଦନ ଦାସଙ୍କ ଘରକୁ ଟଙ୍କା ମାଗିବା ପାଇଁ ଯିବାରୁ ସ୍ୱପ୍ନାଦେଶ ସତ ହୋଇଛି ବୋଲି ତତ୍କାଳୀନ ପରିବାରର ମୁଖିଆ ଜାଣିପାରିଥିଲେ। ସେହିଦିନଠାରୁ ରୀତିନୀତି ଅନୁଯାୟୀ ମା' ଶକ୍ତିଙ୍କର ଘଟ ପୂଜା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଘଟ ପୂଜାରୁ ମୂର୍ତ୍ତି ପୂଜାର ରୂପ ନେଇଥିଲା। ସେତେବେଳେ ପଶ୍ଚିମବଙ୍ଗର ପ୍ରଭାବ ଓଡ଼ିଶାର ନଦୀକୂଳ ସଭ୍ୟତାରେ ଥିଲା। ପ୍ରଥମେ ପଶ୍ଚିମବଙ୍ଗରୁ ପଣ୍ଡିତ ବ୍ରାହ୍ମଣମାନେ ଆସି ପୂଜାପାଠ କରୁଥିଲେ। ପରବର୍ତ୍ତୀ ଅବସ୍ଥାରେ କଟକଚଣ୍ଡୀ ମନ୍ଦିରର ପୂଜକଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ କରାଯାଉଥିଲା। କାଳକ୍ରମେ ସ୍ଥାନୀୟ ପଣ୍ଡିତମାନଙ୍କ ଦ୍ୱାରା ପୂଜା ସମ୍ପାଦନ ହୋଇଆସୁଛି।

ନବ ଦିବସ ବ୍ୟାପି ପୂଜା ଶୁକ୍ଳ ପ୍ରତିପଦଠାରୁ ଆରମ୍ଭ ହୋଇ ଦଶହରାରେ ଶେଷ ହୋଇଥାଏ। ରଥଯାତ୍ରା ଦିନ ମା'ଙ୍କର ମୂର୍ତ୍ତି ନିମନ୍ତେ ମୃର୍ତ୍ତିକା ପୂଜନ କରାଯାଇ ମାଟି ସଂଗ୍ରହ କରାଯାଇଥାଏ। ଶୁକ୍ଳ ପ୍ରତିପଦ ତିଥିରେ ମା'ଙ୍କୁ ଆବାହନ ନିମନ୍ତେ ବଳଙ୍ଗ ନଦୀ ବାଲିଘାଟରେ ଘଟ ଉତ୍ତୋଳନ କରାଯାଇଥାଏ। ଯଥାରୀତି ପୂଜାର୍ଚ୍ଚନା ପରେ ଦଶହରାରେ ବିସର୍ଜନ ପର୍ବ ଅନୁଷ୍ଠିତ ହୁଏ।

ପ୍ରଥା ଅନୁସାରେ, ମା'ଙ୍କ ମେଢ଼କୁ ୧୨ରୁ ୧୪ ଜଣ ବେହେରା

### ୧୭୮ ବର୍ଷରେ ବାରବାଟୀ ମଦନ ଦାସଙ୍କ ଦୁର୍ଗା ପୂଜା ଉତ୍ସବ

କାନ୍ଧରେ କାନ୍ଧେଇ ସହର ପରିକ୍ରମା ପରେ ନଦୀରେ ବିସର୍ଜନ କରିଥାନ୍ତି। ସଂକୀର୍ତ୍ତନ ଓ ଭଜନ ସହ ପରିବାର ସମ୍ପର୍କୀୟ ବନ୍ଧୁବାନ୍ଧବ, ସ୍ଥାନୀୟ ଅଞ୍ଚଳର ଲୋକେ ଭସାଣି ଶୋଭାଯାତ୍ରାରେ ସାମିଲ୍ ହୋଇଥାନ୍ତି। ଚଳିତବର୍ଷ ପୂଜାର ମୁଖ୍ୟ କାର୍ଯ୍ୟ ତୁଲାଇବେ ବଳରାମ ଦାସ। ପ୍ରକାଶ ଦାସ, ଅଭିରାମ ଦାସ, ସତ୍ୟବ୍ରତ ଦାସ, ପ୍ରିୟବ୍ରତ ଦାସ, ମୀନକେତନ ଦାସ, ପର୍ଶୁରାମ ଦାସଙ୍କ ସହ ପରିବାରର ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ଏହି ପୂଜା ବହୁ ଆଡ଼ମ୍ବରରେ ପାଳନ କରାଯିବ ବୋଲି ଉକ୍ତ ପରିବାରର ସଦସ୍ୟ ହିରେନ୍ଦ୍ର କୁମାର ଦାସ କହିଛନ୍ତି। ସେହିପରି ବାରବାଟୀର କର ଘର ଦୁର୍ଗାପୂଜା ୧୬୧ ବର୍ଷରେ, ରାଜାଘର ୧୫୬ ବର୍ଷରେ ପଦାର୍ପଣ କରିଥିବା ସୂଚନା ମିଳିଛି। ସର୍ବପୁରାତନ ବୁଢ଼ା କାର୍ତ୍ତିକେଶ୍ୱର ମଣ୍ଡପରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ୧୦୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଦୁର୍ଗାପୂଜା ପାଳନ କରାଯାଉଥିବା ଜଣାପଡ଼ିଛି।

## ବାଇକ୍‌ରୁ ଖସିପଡ଼ି ଫେରିବାଲାଙ୍କ ମୃତ୍ୟୁ

ପାଟଣା,୧୫।୧୦(ବିରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଚମ୍ପୁଆ ତୁରୁମୁଙ୍ଗା କେଟି ରୋଡ଼ର ନେଉଳିଯୋଡ଼ି ପୋଲ ନିକଟରେ ବାଇକ୍‌ରୁ ଖସିପଡ଼ି ଜଣେ ଫେରିବାଲାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନୀପୁର ଜିଲା ଆନନ୍ଦପୁର ଥାନା ପଦମଟାପୁଡ଼ିହା ଗ୍ରାମର ସାହେବ ଅଲ୍ଲୀ (୨୩)। ସେ ମୟୂରଭଞ୍ଜ ଜିଲା ଚଢ଼େଇଭୋଳରେ ରହି ଗାଁ ଗାଁ ବୁଲି ବାସନକୁସନ ବ୍ୟବସାୟ କରୁଥିଲେ। ସେ ଶନିବାର ରାତିରେ ବେପାରସାରି ବାଇକ ଯୋଗେ ଭଣ୍ଡାରୁ ତୁରୁମୁଙ୍ଗାକୁ ଫେରୁଥିଲେ। ବାଟରେ ଏକ ଅଜଣା ଟ୍ରକ୍ ସାଇଡ୍ ମାରିବାରୁ ସେ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ତୁରୁମୁଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା(ନଂ.୧୭୯/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ଇନ୍ଦ୍ରଜିତ ବେହେରା କହିଛନ୍ତି।

# ସରିଲା ସାଇବର ସୁରକ୍ଷା ଅଭିଯାନ




ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ସମ୍ମାନିତ କରାଯାଉଛି।

ଭଦ୍ରକ,୧୫।୧୦(ସନାତନ ରାଉତ)

ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ କରାଯାଇଥିବା ସାଇବର ସୁରକ୍ଷା ଅଭିଯାନ-୨୦୨୩ ଭଦ୍ରକ ଜିଲାରେ ରବିବାର ଶେଷ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପ୍ରବେଶ ପଥପାର୍ଶ୍ୱରେ ଉଦ୍‌ଯାପନୀ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, କାନାରା ବ୍ୟାଙ୍କ ଏଜିଏମ୍ ମଧୁସୂଦନ ରାଓ ପ୍ରମୁଖ ଯୋଗ ଦେଇଥିଲେ। ସାଇବର ଠକାମିରୁ ବଞ୍ଚିବା ପାଇଁ ସଚେତନ ହେବା ଓ ସତର୍କତା ଅବଲମ୍ବନ ନିମନ୍ତେ ପରାମର୍ଶ ଦେବା ସହ ଅଭିଯାନର ସଫଳତା ଲାଗି ଗଣମାଧ୍ୟମ, ପୋଲିସ ବିଭାଗ ସହ ଅଧିକାରୀମାନଙ୍କ ସହଯୋଗକୁ ଅତିଥିମାନେ ପ୍ରଶଂସା କରିଥିଲେ। ଅଭିଯାନରେ ସହଯୋଗ ପାଇଁ କେତେଜଣ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ସାଇକେଲ ଚାଳନା ଓ ଗଣଦୌଡ଼ର କୃତୀ ଛାତ୍ରୀଛାତ୍ର ଏବଂ ଯୁବକଙ୍କୁ ପୁରସ୍କୃତ କରାଯାଇଥିଲା। ସଚେତନତା ଉଦ୍ଦେଶ୍ୟରେ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ ହୋଇଥିଲା। ଅତିରିକ୍ତ ଏସ୍‌ପି ବାମଦେବ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ, ଟାଉନ ଥାନାଧିକାରୀ ବୀରେନ୍ଦ୍ର କୁମାର ସେନାପତି, ପୁରୁଣାବଜାର ଥାନାଧିକାରୀ ନୀରଜ କୁମାର ସାମଲ, ଇନ୍ସପେକ୍ଟର ସଂଗ୍ରାମ କେଶରୀ ପଟ୍ଟନାୟକ, ବନ୍ଦନା ଦେବୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବେଆଇନ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ମୋରଡା,୧୫।୧୦(ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ବେତନଟୀ ରେଞ୍ଜର ବଡ଼ାମପୁର-ଏକତାଳି ରାସ୍ତାରେ ଭୈରଙ୍ଗୀ ଗ୍ରାମ ନିକଟରୁ କାଠଗଣ୍ଡି ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ବନ ବିଭାଗ ଜବତ କରିଛି। ପ୍ରତିଦିନ ବଡ଼ାମପୁର ଫରେଷ୍ଟ ଅଞ୍ଚଳରୁ ଚୋରା କାଠ ବସ୍ତା, ବାଲେଶ୍ୱର, ମୁକୁଳିଶି ଓ ବାଲିଆପାଳ ଅଞ୍ଚଳକୁ ଚୋରା ଚାଲାଣ ନେଇ ଅଭିଯୋଗ ହୋଇଆସୁଥିଲା। ଚୋରା ଚାଲାଣ ହେଉଥିବା ଖବର ପାଇ ବେତନଟୀ ରେଞ୍ଜର ମନୁୱାର ଖାଁ ସଦଳବଳ ଛକି ରହିଥିଲେ। ଉକ୍ତ ଗାଡ଼ିରେ ଆକାଶୀ ଓ ନିମ୍ବ କାଠ ଚୋରା ଚାଲାଣ ହେଉଥିଲା। ବନ ବିଭାଗ ଉକ୍ତ ଗାଡ଼ିକୁ ଜବତ କରିଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଜବତ କାଠର ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି କୁହାଯାଇଛି। ରେଞ୍ଜର ଖାଁ, ଫରେଷ୍ଟର ଦୀପକ ପାତ୍ର ଓ ଅନ୍ୟ ଷ୍ଟାଫମାନେ ଚଢ଼ାଉରେ ସାମିଲ ଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ଚତୁଃପାର୍ଶ୍ୱ ହେବ ସୌନ୍ଦର୍ଯ୍ୟକରଣ

ଖଇରା,୧୫।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ରୋଗୀମାନଙ୍କ ପାଇଁ ଆହାର କେନ୍ଦ୍ର ଖୋଲିବା ସହ ସାଧାରଣ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଓପନ ଜିମ, ମିଶନ ଶକ୍ତି କାଫେ ଓ ଆଇ ଲଭ୍ ଖଇରା ନିର୍ମାଣ ପାଇଁ ନିଷ୍ପତ୍ତି

### ଖୋଲିବ ଆହାର କେନ୍ଦ୍ର, ଓପନ ଜିମ୍

ନିଆଯାଇଥିଲା। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର, ବିଡିଓ ଉତ୍ତମ କୁମାର ଜେନା, ତହସିଲଦାର ପ୍ରଶାନ୍ତ କୁମାର ମହାରଣା, ରୋଗୀ କଲ୍ୟାଣ ସମିତି ସଭ୍ୟ ଅନ୍ତର୍ଯ୍ୟାମୀ ପାତ୍ର, ରାଧାକାନ୍ତ ପାତ୍ର, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ନରେନ୍ଦ୍ର ଧର ପ୍ରମୁଖ ଉପସ୍ଥିତ ଥିଲେ ।




ଖଇରା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକ।

## ଦୋକାନରେ ତନଖି, ୩୯୦୦ ଜରିମାନା ଆଦାୟ

ଢେଙ୍କିକୋଟ,୧୫।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ବ୍ୟସ୍ତବହୁଳ ବ୍ୟବସାୟ ବଜାରରେ ରବିବାର ଜାତୀୟ ତମାଖୁ ନିୟନ୍ତ୍ରିତ କାର୍ଯ୍ୟକ୍ରମ ଅବସରରେ ଚଢ଼ାଉ କରାଯାଇଛି। ବଜାରର ବିଭିନ୍ନ ଦୋକାନରୁ ମୋଟ ୩୯୦୦ ଟଙ୍କା ଆଦାୟ ହୋଇଥିବା ଜନ ସ୍ୱାସ୍ଥ୍ୟ ପ୍ରସାରଣ ଅଧିକାରୀ ବିପିନ ବିହାରୀ ଷଡ଼ଙ୍ଗି ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ର ଡାକ୍ତର ପୂର୍ଣ୍ଣଚନ୍ଦ୍ର ବଳଙ୍କ ତତ୍ତ୍ୱାବଧାନରେ ବଜାରର ବିଭିନ୍ନ ଗ୍ରୋସରୀ ଦୋକାନ, ପାନ ଦୋକାନ ଓ ତମାଖୁ ଜନିତ ଦ୍ରବ୍ୟ ବିକ୍ରି ଦୋକାନଗୁଡ଼ିରେ ଘଟଗାଁ ସ୍ୱାସ୍ଥ୍ୟ ବିଭାଗ, କେନ୍ଦୁଝର ଖାଦ୍ୟ ନିରାପତ୍ତା ବିଭାଗ, ଘଟଗାଁ ପୋଲିସ, ଘଟଗାଁ ଅବକାରୀ ଏବଂ ଡ୍ରଗ୍ ଇନ୍ସପେକ୍ଟର ମିଳିତ ଭାବେ ଚଢ଼ାଉ କରିଥିଲେ। ବିଭିନ୍ନ ଦୋକାନରେ ପ୍ରାଥମିକ ସଚେତନ କରାଯାଇ ସର୍ବନିମ୍ନ ୨୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ଚଢ଼ାଉରେ ଘଟଗାଁ ଆଇଆଇସି ଅଞ୍ଜନ ପାତ୍ର, ଘଟଗାଁ ଅବକାରୀ ଥାନା ଆଇଆଇସି ଲକ୍ଷ୍ମଣ ନାୟକ, ଡ୍ରଗ ଇନ୍ସପେକ୍ଟର ମିତୁ ନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ଅରୂପାନନ୍ଦ ସେଠୀ, ସ୍ୱାସ୍ଥ୍ୟ ବିଭାଗ ବିଏନଏଲ ଡବ୍ଲୁ ହେମନ୍ତ ବାରିକ ଓ ଏପିଆର ପୋଲିସ ଫୋର୍ସ ଯୋଗ ଦେଇଥିଲେ।



ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗର ଅଧିକାରୀମାନେ।

## ଜଣଙ୍କୁ ଗିରଫ କରି ହାତବାନ୍ଧି ବସିଛି ପୋଲିସ

ବାରିପଦା,୧୫।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଚାଲିଥିବା ବେଆଇନ ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ଯାଞ୍ଚ କରି ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମାତ୍ର ସହରରେ ଏବେ ବି ଅନେକ ବେଆଇନ ନିଶା ନିବାରଣ କେନ୍ଦ୍ର ଚାଲୁଥିଲେ ସୁଦ୍ଧା ପୋଲିସ ପ୍ରଶାସନ ନୀରବ ରହିଛି। କାହା ଚାପରେ ପଡ଼ି ପୋଲିସ ଅନ୍ୟ ନିଶା ନିବାରଣ କେନ୍ଦ୍ରଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସରକାରୀ ଗାଇଡ୍ ଲାଇନକୁ ଅଣଦେଖା କରି ଏବେ ବି ବାରିପଦା ସହରର ବିଭିନ୍ନ ସ୍ଥାନରେ ବେଆଇନ ନିଶା ନିବାରଣ କେନ୍ଦ୍ର ଖୋଲାଯାଇ ଅନ୍ତେବାସୀଙ୍କୁ ରଖାଯାଇଛି। ଟ୍ରଷ୍ଟ ଗଠନ କରାଯାଇ ମିଥ୍ୟା ଦସ୍ତାବିଜ ମାଧ୍ୟମରେ ଏହାକୁ ମନମୁଖି ଭାବେ ପରିଚାଳନା କରାଯାଉଛି। କେନ୍ଦ୍ର ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ପୋଲିସ ପ୍ରଶାସନ, ଅବକାରୀ ବିଭାଗରୁ ଅନୁମତି ଓ ମ୍ୟୁନିସିପାଲିଟିରୁ ଟ୍ରେଡ୍ ଲାଇସେନ୍ସ ନେବାର ନିୟମ ରହିଥିବା ବେଳେ ଏଠାରେ ତାହା ପାଳନ ହେଉନାହିଁ। ଏହାକୁ ନେଇ ଜିଲା ଏସ୍‌ପି ବି.ଗଙ୍ଗାଧରଙ୍କ ନିର୍ଦ୍ଦେଶ କ୍ରମେ ଗତ ୫ ତାରିଖରେ ସହରର ୫ଟି ସ୍ଥାନରେ ଚାଲିଥିବା ନିଶା ନିବାରଣ କେନ୍ଦ୍ରରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ପରେ ଯାଞ୍ଚ ପ୍ରକ୍ରିୟାରେ ପ୍ରାୟଶ୍ଚିତ କେନ୍ଦ୍ରର କୌଣସି କାଗଜପତ୍ର ଠିକ୍ ନ ଥିବାରୁ ମାଲିକ ଅବନି ପତିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ସହରରେ ଥିବା ଅନ୍ୟ କେନ୍ଦ୍ରରେ ଯାଞ୍ଚ କରାଯାଉ ନ ଥିବାରୁ ପୋଲିସର

### ବେଆଇନ ନିଶାନିବାରଣ କେନ୍ଦ୍ର ଖୋଲିବା ପ୍ରସଙ୍ଗ

କାର୍ଯ୍ୟକଳାପ ପ୍ରତି ସନ୍ଦେହ ଉପୁଜିବାରେ ଲାଗିଛି ବୋଲି ଜଣେ ସହରବାସିନ୍ଦା ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ କୌଣସି ବ୍ୟକ୍ତିଙ୍କୁ କେନ୍ଦ୍ର ପରିଚାଳନା ନିମନ୍ତେ ଟ୍ରେଡ୍ ଲାଇସେନ୍ସ ପ୍ରଦାନ କରାଯାଇ ନ ଥିବା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ଜିଲା ସାମାଜିକ ସୁରକ୍ଷା ବିଭାଗ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେନ୍ଦ୍ର ଖୋଲିବା ନେଇ କୌଣସି ଅନୁମତି ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ କୁହନ୍ତି, ଅନ୍ୟ କେନ୍ଦ୍ର ଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଉଛି। ଅନିୟମିତା ଦୃଷ୍ଟିକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଘରକୁ ଘର ବୁଲି ଲୋକଙ୍କ ସମର୍ଥନ ଲୋଡ଼ିଲା କଂଗ୍ରେସ




ପଦଯାତ୍ରାରେ କଂଗ୍ରେସ ନେତା ଓ କର୍ମୀ।

ଯୋଡ଼ା(ମାନସ ମହାନ୍ତି)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ),୧୫।୧୦:

ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ଆହ୍ୱାନକ୍ରମେ କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୋଡ଼ା ନଗର କଂଗ୍ରେସ ପକ୍ଷରୁ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ବିପ୍ଳବ ମିଶ୍ରଙ୍କ ନେତୃତ୍ୱରେ ଯୋଡ଼ା କଳାପାହାଡ଼ ଛକଠାରୁ ବାଇକ ରାଲି ଆୟୋଜିତ ହୋଇଥିଲା। କଂଗ୍ରେସ ନେତା ଓ କର୍ମୀମାନେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ ନାରା ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବାଇକ ଶୋଭାଯାତ୍ରା ଯୋଡ଼ା ବସ୍‌ଷ୍ଟାଣ୍ଡ, ଧରଣୀଧର ଛକ, ଯୋଡ଼ା ମାର୍କେଟ, ବନେଇକଳା ବସ୍ତି ଦେଇ ଏନ୍‌ଏସି ଗେଟ୍ ପରିକ୍ରମା କରିଥିଲେ। କଂଗ୍ରେସ ନେତା ଓ କର୍ମୀମାନେ ଘରକୁ ଘର ବୁଲି କଂଗ୍ରେସ ଦଳର ନୀତି ଓ ଆଦର୍ଶ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହିତ ସମର୍ଥନ ପାଇଁ ଆହ୍ୱାନ ଦେଇଥିଲେ। ପିସିସି ସଦସ୍ୟ ଅଶୋକ ଠକ୍କର, ଯୁବ କଂଗ୍ରେସ ସଭାପତି ଗିରିପ୍ରିୟ ଉମାକାନ୍ତ ସାହୁ, ଅମିତ ମହାନ୍ତ, ଆରିଫ ଆଲାମ, ଐତିହ୍ୟ ଦିବ୍ୟସିଂହ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

କେନ୍ଦୁଝର ସଦର ବ୍ଲକ୍ ପଦ୍ମପୁର ମହେଶ୍ୱର ସାହୁ ଶିଳ୍ପତାଲିମ କେନ୍ଦ୍ରରେ କଂଗ୍ରେସ ପକ୍ଷରୁ ଘରେ ଘରେ କଂଗ୍ରେସ ଘରେ ହାତ କାର୍ଯ୍ୟକ୍ରମ ଅବସରରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ୍ କମିଟି ସଭାପତି ଉତ୍ତମ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକରେ ୨୫ ପଞ୍ଚାୟତର ଶତାଧିକ ଲୋକେ ଉପସ୍ଥିତ ହୋଇଥିଲେ। ଜିଲା କମିଟି ସଭାପତି ମୋହନ ଚନ୍ଦ୍ର ପରିଡ଼ା, ପୂର୍ବତନ ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସମ୍ପାଦକ ସଂଗ୍ରାମ ଦାସ, ସଙ୍ଗିତା ସିଂ, ସୁନେଶଧର, ଶୁଭମ ରାଜ, ରତ୍ନାକର ଜେନା, ଲଳିତ ମୋହନ ନାଏକ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ନାବାର୍ଡର ପୂର୍ବତନ ଅଧିକାରୀ ବିଭିଷଣ ନାଏକ ଓ ପୂର୍ବତନ ଯୋଗାଣ ବିଭାଗ ଅଧିକାରୀ ରଘୁନାଥ ପାତ୍ର କଂଗ୍ରେସ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ଅକ୍ଟୋବର ୨୦୨୩



## ବେଆଇନ ମଦ କାରବାର, ୨ ଅଟକ

ଭଦ୍ରକ,(ସନାତନ ରାଉତ): ଭଦ୍ରକ ପୌରପାଳିକାର ବଙ୍କସାହି ଗଳିରୁ ଟାଉନ ପୋଲିସ ରବିବାର ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରିବା ସହ ୨ ଜଣଙ୍କୁ ଥାନାରେ ଅଟକ ରଖିଛି। ସେଠାରେ ବେଆଇନ ଭାବେ ମଦ କାରବାର ହେଉଥିବା ଖବର ପାଇ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନାଧିକାରୀ ବିରେନ୍ଦ୍ର କୁମାର ସେନାପତିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରିଥିଲା। ମଦ ରଖାଯାଇଥିବା ଏକ ଫ୍ରିଜ୍ ସହ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଜବତ କରାଯାଇଛି।

## ସଂକ୍ଷେପରେ

### ୭୫ ୟୁନିଟ ରକ୍ତ ସଂଗ୍ରହ

ଧାମନଗର,୧୫।୧୦ (ସନ୍ତୋଷ କୁମାର ମହାପାତ୍ର)-ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରବିବାର ଭଗବାନପୁର ପଞ୍ଚାୟତ ପଳିକିରି ନୋଡାଲ ବିଦ୍ୟାଳୟଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଡା. ସଞ୍ଜୟ ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବିଜେଡି ସଭାପତି ଉମେଶ ମହାନ୍ତି, ଯୁବ ସଭାପତି ଭାରତ ବିଜୟ ଦଳାଇ, ଜଗବନ୍ଧୁ ପଣ୍ଡା, ସୂର୍ଯ୍ୟକାନ୍ତ ନାୟକ, ଦଶରଥ ଜେନା, ଅଭିମନ୍ୟୁ ସ୍ୱାଇଁ, ଛାତ୍ର ସଭାପତି ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ନିରାକାର ରାଉତ ଓ ଛାତ୍ରୀଛାତ୍ର ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜିଲା ରକ୍ତଭଣ୍ଡାରର ଡା. ଶରତ ଚନ୍ଦ୍ର ଆଚାର୍ଯ୍ୟ, ଲବୋରେଟୋରି ଟେକ୍ନିସିଆନ ରବୀନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିବା ବେଳେ ମୋଟ ୭୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

### ଆକାଶବାଣୀ ଶ୍ରୋତା ସଂଗଠନ ସଭାପତିଙ୍କ ପରଲୋକ

କେନ୍ଦୁଝର,୧୫।୧୦(ଦୀପକ ମିଶ୍ର): ଆକାଶବାଣୀ କେନ୍ଦୁଝରର ଶ୍ରୋତା ସଂଗଠନ ସଭାପତି ଆଲୋକ ପଟ୍ଟନାୟକଙ୍କ ରବିବାର ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ଦୀର୍ଘବର୍ଷ ଧରି ଆକାଶବାଣୀ କେନ୍ଦୁଝରର ଜଣେ ନିୟମିତ ଶ୍ରୋତାଭାବରେ ସୁନାମ ଅର୍ଜନ କରିବା ସହିତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ଶ୍ରୋତାମାନଙ୍କୁ ନେଇ ଶ୍ରୋତା ପରିବାର ସଂଗଠନ ପ୍ରତିଷ୍ଠା କରିଥିଲେ। ସେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ମୁଖ୍ୟ କିରାଣୀ ଭାବରେ ଅବସର ଗ୍ରହଣ କରିବା ପରେ ଶ୍ରୋତା ସଂଗଠନ କାର୍ଯ୍ୟକ୍ରମକୁ ଆଗକୁ ନେଇ ପାରିଥିଲେ। ଆନନ୍ଦପୁର ଉପଖଣ୍ଡର ଭଣ୍ଡାରିଡ଼ିହାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ନଭେମ୍ବର ୧୯ରୁ ବିଶ୍ୱଶାନ୍ତି ମହାଯଜ୍ଞ

ନୀଳଗିରି,୧୫।୧୦(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ବ୍ଲକ ଓ ନଗର ବ୍ରାହ୍ମଣ ସମିତିର ପ୍ରତିନିଧିମାନଙ୍କୁ ନେଇ ବିଶ୍ୱଶାନ୍ତି ମହାଯଜ୍ଞ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୧୯ ଓ ୨୦ ତାରିଖ ୨ଦିନ ଧରି ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ମହାଯଜ୍ଞ ହେବ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବ୍ରାହ୍ମଣ ସମାଜ ନଗର ସଭାପତି ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ବ୍ଲକ ସଭାପତି ବିଜୟ କୁମାର ତ୍ରିପାଠୀ, ସଂଯୋଜକ ପୁଣ୍ୟଶ୍ଳୋକ ନନ୍ଦ, ନଗର ସମ୍ପାଦକ ଦେବବ୍ରତ ମିଶ୍ର, ସରୋଜ କୁମାର ନନ୍ଦ, ଅରବିନ୍ଦ ପଣ୍ଡା, ହରିବନ୍ଧୁ କର, କୋଷାଧ୍ୟକ୍ଷ ବ୍ରଜେଶ୍ୱର ନନ୍ଦ ପ୍ରମୁଖ ବହୁ ପଣ୍ଡିତ ଉପସ୍ଥିତ ଥିଲେ।

# କାର୍ଯ୍ୟକ୍ଷମ ହେଉନି ଆଇସିୟୁ

**ଜିଲା ମୁଖ୍ୟ ଚିକିତ୍ସାଳୟ**

■ଭିତ୍ତିଭୂମି ଅଛି, ଆନ୍ତରିକତା ନାହିଁ

■ଗୁରୁତର ରୋଗୀ କଟକ ସ୍ଥାନାନ୍ତର

କେନ୍ଦୁଝର,୧୫।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଖଣିଖାଦାନ ଭରା କେନ୍ଦୁଝର ଜିଲାରେ ଗୁରୁତର ରୋଗୀଙ୍କ ପାଇଁ ଆଇସିୟୁ (ଇଣ୍ଟେନ୍‌ସିଭ କେୟାର ୟୁନିଟ୍) ବ୍ୟବସ୍ଥା ନାହିଁ। ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାୟ ୧୩ କୋଟି ଟଙ୍କା ବ୍ୟୟରେ ଆଇସିୟୁ ୟୁନିଟ୍ ପ୍ରତିଷ୍ଠା ହୋଇଛି। କିନ୍ତୁ ଦୀର୍ଘ ମାସ ହେଲା କର୍ମଚାରୀ ଅଭାବ ଯୋଗୁ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ରୋଗୀଙ୍କୁ ଅତି ଗୁରୁତର ଓ ସମ୍ବେଦନଶୀଳ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ପଠାଇବାକୁ ଡାକ୍ତର ବାଧ୍ୟ ହେଉଛନ୍ତି। ଫଳରେ ଅନେକ ରୋଗୀ ରାସ୍ତାରେ କିମ୍ବା ଗୁରୁତର ହୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରିଥାନ୍ତି।

କେନ୍ଦୁଝର ଜିଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ କେନ୍ଦୁଝର ଜିଲା ବ୍ୟତୀତ ପଡ଼ୋଶୀ ମୟୂରଭଞ୍ଜ, ଭଦ୍ରକ, ଦେବଗଡ଼ ଆଦି ଜିଲା ତଥା ଝାଡ଼ଖଣ୍ଡ ରାଜ୍ୟର ରୋଗୀ ନିର୍ଭର କରିଥାନ୍ତି। ଏଣୁ ରୋଗୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ବିକାଶ କରାଯାଇ ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା କରାଯାଇଛି। ମାତ୍ର ଏଠାରେ ଆଇସିୟୁ ବ୍ୟବସ୍ଥା ନ ଥିବାରୁ ଗୁରୁତ୍ୱପୂର୍ଣ୍ଣ ଅପରେଶନ ହୋଇପାରୁନାହିଁ। ବିଶେଷକରି ଦୁର୍ଘଟଣା, ହୃଦ୍‌ଘାତ, କିଡ୍‌ନୀ ସମସ୍ୟାରେ ଗୁରୁତର ରୋଗୀଙ୍କୁ ଆପାତକାଳୀନ ସୁବିଧା ମିଳୁନାହିଁ। ଅନେକ ସମୟରେ ଡାକ୍ତରମାନେ ରିସ୍କ ନେଇ ଗର୍ଭବତୀ ଓ ଅନ୍ୟ ରୋଗୀଙ୍କ ଅପରେଶନ କରିଥାନ୍ତି। ପରେ ଅବସ୍ଥା ଗୁରୁତର ହେଲେ କଟକ ପଠାଇଦେଇଥାନ୍ତି। ଗୁରୁତର ରୋଗୀଙ୍କୁ ଜିଲାରୁ ପ୍ରାୟ ୨୦୦ କି.ମି. ଦୂର କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲ ଯିବା ପାଇଁ ପାଖାପାଖି ୪ ରୁ ୫ ଘଣ୍ଟା ସମୟ ଲାଗିଥାଏ। ଫଳରେ ରୋଗୀ ଅଧିକ ଗୁରୁତର ହୋଇପଡ଼ନ୍ତି। ଏଠାରେ ଆଇସିୟୁ ସୁବିଧା ଥିବା ହାଇଟେକ୍ ଆମ୍ବୁଲାନ୍ସ ରହିଥିଲେ ହେଁ ପର୍ଯ୍ୟାପ୍ତ ନ ଥିବାରୁ ଭାଗ୍ୟକୁ ଆଦରି ରୋଗୀଙ୍କୁ ସମ୍ପର୍କୀୟମାନେ ଘରୋଇ ଆମ୍ବୁଲାନ୍ସରେ କଟକ ନେଇଥାଆନ୍ତି ବୋଲି ସାମାଜିକ କର୍ମୀ ଦିଲୀପ ସାହୁ କହିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିତ୍ତିଭୂମି ଥାଇ ମଧ୍ୟ ଆଇସିୟୁ ଖୋଲାଯାଉନାହିଁ। ତିନି ମାସ ତଳେ ଆଇସିୟୁ କାର୍ଯ୍ୟକ୍ଷମ କରିବା ନେଇ ଡାକ୍ତର, ନର୍ସଙ୍କୁ ତାଲିମ ଦିଆଯାଇଥିଲା। ମାତ୍ର ଇଚ୍ଛାଶକ୍ତି ଅଭାବରୁ ଆଜି ପର୍ଯ୍ୟନ୍ତ ଖୋଲିପାରୁନାହିଁ। ଡିଏମ୍‌ଏଫ ଅନୁଦାନରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହୋଇପାରିଲା କିନ୍ତୁ ଆଇସିୟୁ ଖୋଲିପାରୁନାହିଁ। ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କେ.ସି. ପୃଷ୍ଟି କହିଛନ୍ତି, ଗୁରୁତର ରୋଗୀଙ୍କ ପାଇଁ ଆଇସିୟୁ ଆବଶ୍ୟକ ହୋଇଥାଏ। ଯୋଡ଼ାରେ ଏକ ଘରୋଇ ଡାକ୍ତରଖାନାରେ ଆଇସିୟୁ ରହିଛି। ଜିଲା ମୁଖ୍ୟ ଡାକ୍ତରଖାନାରେ ଆଇସିୟୁ ବ୍ୟବସ୍ଥା ଅଛି। କିନ୍ତୁ କର୍ମଚାରୀ ଅଭାବରୁ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ୭ କର୍ମଚାରୀଙ୍କୁ ସ୍ୱତନ୍ତ୍ର ତାଲିମ ପରେ ଏହା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ।

# ବସ୍ତା ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା



ରୂପସା,୧୫।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ନେଇ ରବିବାର ବାହାର୍ଦ୍ଦା ଡାକବଙ୍ଗଳା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଲବର ପୂର୍ବତନ ସଭାପତି ବାଞ୍ଛାନିଧି ଦେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସମ୍ପାଦକ ବ୍ରଜମୋହନ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଆଗାମୀ ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ସଭାପତି ଭାବେ ବିଜୟ କୁମାର ଭୂୟାଁ, ଉପ-ସଭାପତି ଶିରୀଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ଉମାକାନ୍ତ ମହାନ୍ତି, ସହ-ସମ୍ପାଦକ ମାନସ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ପ୍ରଧାନ, ସହ-କୋଷାଧ୍ୟକ୍ଷ ସର୍ବେଶ୍ୱର ବେହେରା, ଅଫିସ ସମ୍ପାଦକ ହରିଶଙ୍କର ପାଣିଙ୍କୁ ନୂତନ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଉପଦେଷ୍ଟା ବ୍ରଜମୋହନ ମିଶ୍ର, ବାଞ୍ଛାନିଧି ଦେ, ମନୀଷ ରାଇମୋଗିଆ, ରଞ୍ଜନ କୁମାର ବେହେରା, ରବିନାରାୟଣ ସାହୁ, ବଂଶୀଧର ସାହୁଙ୍କ ସମେତ ସଦସ୍ୟ ମଧୁସୂଦନ ପଣ୍ଡିତ, ଜଗତ ଗିରି, ସୀତାକାନ୍ତ ଦାସ, ଦିଲ୍ଲୀପ କୁମାର ସାହୁ, ଚାନସେଲର ରାଉତ, ସୁଶାନ୍ତ ପ୍ରଧାନ ଓ ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଧୂହତ୍ୟା ମାମଲା

### ୧୦ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଧାମନଗର,୧୫।୧୦ (ସନ୍ତୋଷ କୁମାର ମହାପାତ୍ର)

ଯୌତୁକଜନିତ ନିର୍ଯାତନା ସହ ବଧୂହତ୍ୟା ମାମଲାରେ ଦୀର୍ଘ ୧୦ ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଧାମନଗର ପୋଲିସ ଶନିବାର ବିଳମ୍ବିତ ରାତିରେ ଦୋବଲ ଗ୍ରାମର ତାଙ୍କ ଘରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦୋବଲର ସେକ୍ ଚାନ୍ଦ ବାବୁ। ୨୦୧୩ ରେ ତାଙ୍କ ନାମରେ ଯୌତୁକଜନିତ ନିର୍ଯାତନା ଓ ବଧୂହତ୍ୟା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଥିଲା।

ପ୍ରକାଶ ଯେ, ସେ ଧାମନଗର ଅଞ୍ଚଳର କାଜି ମହଲାର ମୀର ପ୍ୟାରୀଙ୍କ ଝିଆରୀ ଚାନ୍ଦ ମୁନି(୨୨)ଙ୍କୁ ୨୦୧୧ରେ ବୈଦିକ ରୀତିରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଚାନ୍ଦ ମୁନିଙ୍କୁ ନିର୍ଯାତନା ଦେଉଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଯୌତୁକକୁ ନେଇ ବାରମ୍ବାର ଝଗଡ଼ା ଲାଗିରହୁଥିଲା। ୨୦୧୩ ଡିସେମ୍ବର ୨୯ରେ ଚାନ୍ଦ ମୁନିଙ୍କୁ ତାଙ୍କ ସ୍ୱାମୀ ଘର ଲୋକଙ୍କ ସହାୟତାରେ ମାରି ଦେଇଥିବା ନେଇ ମୀର ପ୍ୟାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୨୫୭/୨୦୧୩) ରୁଜୁ ହୋଇଥିଲା। ସେବେଠାରେ ସେକ୍ ଚାନ୍ଦ ବାବୁ ଫେରାର ଥିଲେ। ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ, ଏସ୍‌ଆଇ ନୋରେନ ଖୁଜୁରଙ୍କ ସମେତ ଏକ ଟିମ୍ ଚଢ଼ାଉ କରି ତାକୁ ଗିରଫ କରିଛନ୍ତି।

# ମେଲାଣି ନେଲେ ବୁଢ଼ାଗଣେଶ

ଭଦ୍ରକ, ୧୫।୧୦ (ସନାତନ ରାଉତ)



ଭଦ୍ରକ ପୁରୁଣାବଜାରରେ ଏକ ମାସ ଧରି ପୂଜା ପାଉଥିବା ବାବା ବୁଢ଼ାଗଣେଶ ରବିବାର ମେଲାଣି ନେଇଛନ୍ତି। ବିଭିନ୍ନ ନୃତ୍ୟ, ଗୀତ ସହ ଏକ ବିରାଟ ଶୋଭାଯାତ୍ରାରେ ପୁରୁଣାବଜାର ଅଞ୍ଚଳ ପରିକ୍ରମା ପରେ ବୁଢ଼ାଗଣେଶଙ୍କୁ ବିଦାୟ ଦିଆଯାଇଛି। ରାଜ୍ୟର ୧୮ ଜିଲାରୁ ୨୩ଟି ନୃତ୍ୟ ସଙ୍ଗୀତ, ବିଭିନ୍ନ କିସମର ବାଦ୍ୟ, ସାଂସ୍କୃତିକ ଟିମ୍ ଓ ରାଜ୍ୟ ବାହାରୁ ଦିଲ୍ଲୀ, ହରିଆଣା, ଆସାମରୁ ୫ ଟିମ୍ ଦ୍ୱାରା ଆନନ୍ଦଉଲ୍ଲାସରେ ଭସାଣି ଶୋଭାଯାତ୍ରା କରାଯାଇଥିଲା।

**ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ମୋଗଲ ସମ୍ରାଟ**

ଶୋଭାଯାତ୍ରାରେ ମୋଗଲ ତାମସାର ଧୂନ୍ ଓ ମୋଗଲ ସମ୍ରାଟଙ୍କୁ ସାମିଲ କରାଯାଇଥିବା ବେଳେ ଏହା ମୁଖ୍ୟ ଆକର୍ଷଣ ସାଜିଥିଲା। ଉଭୟ ହିନ୍ଦୁ ଓ ମୁସ୍‌ଲିମ ସମ୍ପ୍ରଦାୟର ହଜାର ହଜାର ଲୋକ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନେତୃତ୍ୱରେ ଶହେ ଅଫିସରଙ୍କ ସହ ୨୦ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ।



ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ବାପୁ



@ଜିତୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଯମୁନାପଶି ଅଞ୍ଚଳରେ ବାର୍‌ହା ଉପଦ୍ରବ



ବାର୍‌ହା ନଷ୍ଟ କରିଥିବା ଧାନ କ୍ଷେତ।

ପାଟଣା,୧୫।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଯମୁନାପଶି ବିଟ୍ ଅଞ୍ଚଳରେ ବାର୍‌ହା ଉପଦ୍ରବ ଦେଖାଯାଇଛି। ବାର୍‌ହା ଅନେକ ଏକର ପରିମିତ ଧାନ ଫସଲ ନଷ୍ଟ କରିଦେଇଛନ୍ତି। ବରୁଡ଼ିପଶି ଗ୍ରାମର ଚୌଧୁରୀ ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ଭୈରବ ଚନ୍ଦ୍ର ନାଏକ, ତ୍ରିଲୋଚନ ନାଏକ, ପଦ୍ମଲୋଚନ ନାଏକ, ଶ୍ରୀକାନ୍ତ ନାଏକ, ଶଶିଭୂଷଣ ନାଏକଙ୍କ ଧାନ ଚାଷ ବାର୍‌ହା ନଷ୍ଟ କରିଛନ୍ତି। ବନ ବିଭାଗ ପକ୍ଷରୁ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି।

# ହିନ୍ଦୁ ମୁଚିସାହି ବିଜୟୀ

**କଲ୍ୟାଣି ବାଗାନ ୟୁଥ୍ କ୍ଲବ୍ ପକ୍ଷରୁ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଖୁଣ୍ଟା,୧୫।୧୦(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ଭଣ୍ଡାଗାଁ ପଞ୍ଚାୟତ ଅଧୀନ ମାରେଡ଼ିହିଠାରେ କଲ୍ୟାଣୀ ବାଗାନ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ୫ମ ବାର୍ଷିକ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳ ହିନ୍ଦୁ ମୁଚିସାହି ଏବଂ ବଡ଼ସାହି ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ହିନ୍ଦୁ ମୁଚିସାହି କ୍ଲବ୍ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଭାପତି ଧରମରାଜ ହାଁସଦା, ଭଣ୍ଡାଗାଁ ସରପଞ୍ଚ ସାବିତ୍ରୀ ହେମ୍ବ୍ରମ, ସମିତି ସଭ୍ୟା ସଂଯୁକ୍ତା ନାଏକ, ଯୋଗେଶ୍ୱର ମାଝୀ, ଲଲାଟେନ୍ଦୁ କେଶରୀ ପ୍ରମୁଖ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କ୍ଲବ୍‌ର ସଦସ୍ୟ ଗଣ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।



ଅତିଥିମାନଙ୍କ ସହ କ୍ରୀଡ଼ାବିତ୍।

# ଦୁର୍ଗାପୂଜାକୁ କେନ୍ଦ୍ରକରି ମହାଦେବ ମନ୍ଦିରରେ ତାଲା



ମନ୍ଦିର ନିକଟରେ ଉପସ୍ଥିତ ଗ୍ରାମର ମହିଳାମାନେ।

ବାହାନଗା,୧୫।୧୦(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ରମଧା ଗ୍ରାମରେ ଦୁର୍ଗା ପୂଜାକୁ କେନ୍ଦ୍ରକରି ମହାଦେବ ମନ୍ଦିରରେ ତାଲା ପଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗ୍ରାମରେ ଦୁର୍ଗାପୂଜା ନିମନ୍ତେ ବୈଠକ ଡକାଯାଇଥିଲା। ବୈଠକ ସରିବା ପରେ ଟେଣ୍ଟ କାମ ପାଇଁ ଗ୍ରାମର ଦୁଇ ଯୁବଗୋଷ୍ଠୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଟେଣ୍ଟ କାମ ନେଇଥିବା ଯୁବକ ଟେଣ୍ଟ ବାନ୍ଧିବା ପୂର୍ବରୁ ଗ୍ରାମର ମାନସ ବିଶ୍ୱାଳ ନାମକ ଅନ୍ୟଜଣେ ଯୁବକ ନିଜର ଟେଣ୍ଟ ବାଉଁଶ ପୋତି ଦେଇଥିବାରୁ ପାଟିତୁଣ୍ଡ ଲାଗିଥିଲା। ପରେ ମାନସଙ୍କ ଗୋଷ୍ଠୀ ନିକଟସ୍ଥ ମହାଦେବ ମନ୍ଦିରରେ ତାଲା ପକାଇ ଦେଇଥିଲେ। ମନ୍ଦିରରେ ତାଲା ପଡ଼ିଥିବା ଦେଖି ଗ୍ରାମର ମହିଳା ଓ ପୁରୁଷମାନେ ମନ୍ଦିର ନିକଟରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଉଭୟ ଗୋଷ୍ଠୀଙ୍କୁ ରବିବାର ଡାକିଥିଲେ। ଉଭୟ ଗୋଷ୍ଠୀର ଯୁବକମାନେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ନିର୍ଦ୍ଦେଶ କ୍ରମେ ମାନସଙ୍କ ଗୋଷ୍ଠୀ ମନ୍ଦିରରୁ ତାଲା ଫିଟାଇଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି।

# ଯୋରରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

■ହତ୍ୟା ଅଭିଯୋଗରେ ଜଣେ ଗିରଫ

■ଅଭିଯୁକ୍ତଙ୍କ ମା’ ବାପା ଥାନାରେ ଅଟକ

ଚାନ୍ଦବାଲି,୧୫।୧୦(କିଶାନ ପାତ୍ର/ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମାଧପୁର ପଞ୍ଚାୟତ ଜ୍ୟୋତିସିଂହପୁର ଅରଖାସାହି ଗାଁର ନିଖୋଜ ଥିବା ସୁକାନ୍ତ ଦାସ(୨୨)ଙ୍କ ମୃତଦେହ ରବିବାର ଏକ ଯୋରରୁ ମିଳିଛି। ନଟିଆ ଯୋରରେ ମତ୍ସ୍ୟଜୀବୀଙ୍କ ଜାଲରେ ମୃତଦେହ ଲାଗିଥିଲା। ଏନେଇ ମୃତ ସୁକାନ୍ତଙ୍କ ବାପା ରମେଶ ଦାସ ମଟୋ ଫାଣ୍ଡିରେ ହତ୍ୟା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ମା’ ଓ ବାପାଙ୍କୁ ଅଟକ ରଖିଛି।

ସୁକାନ୍ତ ଗତ ଶୁକ୍ରବାର ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ମୋବାଇଲରେ ଗେମ୍ ଖେଳୁଥିଲେ। ରାତି ପ୍ରାୟ ୮ଟାଠାରୁ ତାଙ୍କୁ ବହୁ ଖୋଜାଖୋଜି ପରେ ମଧ୍ୟ ପରିବାର ଲୋକେ ପାଇ ନ ଥିଲେ। ଏନେଇ ଶନିବାର ଚାନ୍ଦବାଲି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଚାନ୍ଦବାଲି ଆଇଆଇସି ପଞ୍ଚାନନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିବା ସହ ମୋବାଇଲ ଟ୍ରାକିଂ କରି ସେହି ଗ୍ରାମ ପାଖ ଚାଷଜମିରେ ସୁକାନ୍ତଙ୍କ ମୋବାଇଲ ପଡ଼ିଥିବା ଜାଣିବାକୁ ପାଇଥିଲେ। ରବିବାର ସକାଳେ ଉକ୍ତ ଯୋରରେ ଏକ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ମୃତକଙ୍କ ମୋବାଇଲ ବିଲ ମଧ୍ୟରୁ ମିଳିଥିବା ବେଳେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୩୧୪/୨୩) ରୁଜୁ ହୋଇଛି।

## କଂଗ୍ରେସର ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ

ଔପଦା,(ଧରିତ୍ରୀ ପଣ୍ଡା)- ଔପଦା ବ୍ଲକ ଅଧୀନ ଗଡ଼ସାହି ଗ୍ରାମଠାରେ କଂଗ୍ରେସର ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା ଆଶିଷ ପଟ୍ଟନାୟକ ଯୋଗଦେଇ ଦର ଦାମ୍ ବୃଦ୍ଧି ଘଟିବା ସହ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ଦେଶ ଓ ରାଜ୍ୟର ରକ୍ଷା ପାଇଁ କଂଗ୍ରେସ ହିଁ ଭରସା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ନିରଞ୍ଜନ ମଲ୍ଲିକ, ପୂର୍ବତନ ସମିତିସଭ୍ୟ ଦୁର୍ଯ୍ୟୋଧନ ଖେଜୁରିଆ, ଜିଲା ପରିଷଦ ପ୍ରାର୍ଥୀ ସୁବାସ ଚନ୍ଦ୍ର ଝରିଆଲ, ଯୁବ ନେତା ଜୟଚନ୍ଦ୍ର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ହରିଚନ୍ଦନପୁର ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

କେନ୍ଦୁଝର,୧୫।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ହରିଚନ୍ଦନପୁର ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ପୁରାତନ ଛାତ୍ର ସଂସଦ ତରଫରୁ ଏକ ପ୍ରସ୍ତୁତି ସଭା ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ରବିବାର ଦିନ କେନ୍ଦୁଝର ଗଡ଼ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ଶରତ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ହାଇସ୍କୁଲର ବର୍ତ୍ତମାନ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ମହାନ୍ତ, ସମ୍ପାଦକ ବସନ୍ତ ସାହୁ, ଉପସଭାପତି ଚାରୁ ଚନ୍ଦ୍ର ସାହୁ, ଧ୍ରୁବ ଚରଣ ସାହୁ, ଯୁଗ୍ମ ସମ୍ପାଦକ କାରକ ମହାନ୍ତି, ସଞ୍ଜୟ ପ୍ରସାଦ ଓ ପ୍ରତ୍ୟୁଷ ପଟ୍ଟନାୟକ ଆୟୋଜନ ଦାୟିତ୍ୱ ନେଇଥିଲେ। ସଭାରେ କେନ୍ଦୁଝରଗଡ଼ରେ ଅବସ୍ଥାନ କରୁଥିବା ୪୨ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଆଗାମୀ ସମୟରେ ବିଦ୍ୟାଳୟରେ ପଢ଼ିଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଯୋଗାଯୋଗ କରିବା ତଥା ଜୟନ୍ତୀରେ ସମସ୍ତଙ୍କ ସମ୍ପୃକ୍ତି ରହିବା ବିଷୟରେ ଆଲୋଚନା କରାଯାଇଥିଲା।

### ଟ୍ରାକ୍ଟରରୁ ବ୍ୟାଟେରି ଚୋରି ବେଳେ ଧରି ବାନ୍ଧିଲେ ଲୋକେ

ଠାକୁରମୁଣ୍ଡା,୧୫।୧୦(ତାରାକାନ୍ତ ପଟ୍ଟନାୟକ): ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅଧୀନ ଜରକ ଗ୍ରାମରେ ଶନିବାର ରାତିରେ ଏକ ଟ୍ରାକ୍ଟରରୁ ବ୍ୟାଟେରୀ ଚୋରି କରୁଥିବା ବେଳେ ଜଣେ ଯୁବକଙ୍କୁ କାବୁ କରିଛନ୍ତି ଲୋକେ। ଲୋକେ ତାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଦେବା ସହ ଆଣିଥିବା ଏକ ବାଇକ୍‌କୁ ମଧ୍ୟ ଅଟକ ରଖିଥିଲେ। ତାଙ୍କର ଅନ୍ୟ କେତେଜଣ ସହଯୋଗୀ ଖସି ପଳାଇଥିଲେ। ଟ୍ରାକ୍ଟର ମାଲିକଙ୍କ ଏତଲାକ୍ରମେ ମହୁଲଡିହା ଥାନା ପୋଲିସ ଏକ ମାମଲା (ନଂ.୫୯/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଠାକୁରମୁଣ୍ଡା ନିକଟ ଖୁଣ୍ଟାପୋଷୀ ଗ୍ରାମର ସୁଶୀଲ ପାତ୍ର।

ସୂଚନା ଅନୁଯାୟୀ, ଜରକ ଗ୍ରାମର କୋମଳ କାରୁଆଙ୍କ ଟ୍ରାକ୍ଟର ରାତିରେ ତାଙ୍କ ଘର ସମ୍ମୁଖରେ ଥିଲା। ରାତି ପ୍ରାୟ ୧୧ଟା ବେଳେ ସୁଶୀଲଙ୍କ ସହ ଅନ୍ୟ କେତେଜଣ ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରି ନେଉଥିଲେ। ଏହି ସମୟରେ ସୁଶୀଲ କୋମଳଙ୍କ ପଡ଼ୋଶୀଙ୍କ ହାତରେ ଧରାପଡ଼ିଥିଲେ। ପରେ ଗ୍ରାମବାସୀ ତାଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଅଟକ ରଖିଥିଲେ। ସକାଳେ କୋମଳ ମହୁଲଡିହା ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କ ସହ ଚୋରି ବ୍ୟାଟେରି ଓ ବ୍ୟବହୃତ ଏକ ବାଇକ୍ ଥାନାକୁ ନେଇଥିଲା। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ଅନୁସନ୍ଧାନ ଜାରି ରଖିଛି। ତେବେ ବିଭିନ୍ନ ସମୟରେ ଠାକୁରମୁଣ୍ଡା ଓ ମହୁଲଡିହା ଥାନା ଅଞ୍ଚଳରୁ ରାତିରେ ଯାନବାହାନଗୁଡ଼ିକରୁ ବ୍ୟାଟେରି ଚୋରି ହେଉଥିବା ଅଭିଯୋଗ ହେଉଛି।

# ‘ବାଲେଶ୍ୱର ମାଟିକୁ ଭଲ ପାଉଥିଲେ କଲାମ’

- କଲାମ ଜୟନ୍ତୀ ପାଳନ
- ଅଗ୍ନିଡ଼େଣା ବିଜ୍ଞାନ ପତ୍ରିକା ଉନ୍ମୋଚିତ

ବାଲେଶ୍ୱର,୧୫।୧୦(ମାନସ ବିଶ୍ୱାଳ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବାଲେଶ୍ୱର ସହର ଏଡିଏମ୍ ଛକସ୍ଥିତ ବ୍ରିଟ୍ କଲ୍ୟାଣମଣ୍ଡପ ପରିସରରେ କଲାମ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ରବିବାର ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ କଲାମଙ୍କ ଜୟନ୍ତୀ ପାଳନ କରାଯାଇଛି। ଟ୍ରଷ୍ଟର ଚେୟାରମ୍ୟାନ୍ ଡ. ପଙ୍କଜ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଇନ୍ସ ଏକ୍‌ଜିବିସନ୍‌କୁ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଉଦ୍‌ଘାଟନ କରିବା ସହ ଷ୍ଟେଶନ ଛକରେ ଥିବା କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭାରତ ସରକାରଙ୍କ ଖଣିଜ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ଶିଶିର ମନ୍ତ୍ରୀ ଯୋଗଦେଇ ବାଲେଶ୍ୱର ମାଟି ପ୍ରତି କଲାମଙ୍କ ଭଲ ପାଇବାକୁ ଭୂୟସୀ ପ୍ରଶଂସା କରିଥିଲେ। ସାଇନ୍ସ ଏକ୍‌ଜିବିସନ୍‌କୁ ଛାତ୍ରୀଛାତ୍ର ଓ ଲୋକମାନେ ମନୋଭରି ଉପଭୋଗ କରିଥିଲେ। ବିଶେଷ କରି ସର୍ବେଶ୍ୱର ଦାସଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିବା କଲାମଙ୍କର ଫଟୋ ବେଶ ଆକର୍ଷଣୀୟ ହୋଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ଡ. ସଂଗ୍ରାମ କୁମାର ରାଉତ ଓ ରାଜେଶ୍ୱରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।

ଦ୍ୱିତୀୟ ପର୍ବରେ ଉଦ୍‌ଘାଟକ ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ବାଲେଶ୍ୱର ଜିଲାର ଚାନ୍ଦିପୁର, ହ୍ୱିଲର ଦ୍ୱୀପ ଓ ସୁବର୍ଣ୍ଣରେଖାର ପ୍ରାକୃତିକ ସୌନ୍ଦର୍ଯ୍ୟ ଡ. କଲାମଙ୍କୁ ଆକର୍ଷିତ କରିଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର କରୁଣାକର ନନ୍ଦ ଯୋଗଦେଇ ବାଲେଶ୍ୱର ପ୍ରତି କଲାମଙ୍କର ଏକ ଭିନ୍ନ ଧରଣର ଭଲ ପାଇବା ଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସିଏସ୍ଆଇଆର୍‌ର ବୈଜ୍ଞାନିକ ଡ. ଶିଶିର ମନ୍ତ୍ରୀ ଯୋଗଦେଇ ଟ୍ରଷ୍ଟ ତରଫରୁ ଓଡ଼ିଶାର ବିଭିନ୍ନ ବିଭାଗରୁ ଆସିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରି ଏଭଳି ମହତ କାର୍ଯ୍ୟ କରିପାରୁଥିବାରୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଜ୍ଞାନ ପତ୍ରିକା ‘ଅଗ୍ନିଡ଼େଣା’ ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟର ସାଧାରଣ ସମ୍ପାଦକ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ସଞ୍ଜୀବ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ଇଂ. ଉପେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ହେମନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରିପଦ ଭୂୟାଁ, ଲକ୍ଷ୍ମୀପ୍ରିୟା ଜେନା, ଅବନି କୁମାର ଜେନା, ଜ୍ୟୋତିର୍ମୟୀ ଶତପଥି, ରାଜଶ୍ରୀ ପାଢ଼ୀ, ସଞ୍ଜୀବ କୁମାର ନାୟକ, ଜ୍ୟୋତିର୍ମୟୀ ସାମଲ, ସଂଘମିତ୍ରା ମହାନ୍ତି, ଇଂ. ଉପେନ୍ଦ୍ର ବେହେରା, ଇଂ. ବିଜୟ କୁମାର ସ, ଭାବଗ୍ରାହୀ ମହାନ୍ତି, ଇଂ. ପ୍ରଭାତ ରଞ୍ଜନ ଜେନା, ବଳରାମ ସ, ସଲିମ ସୋବାସାହା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଇଂ. ପ୍ରଭାତ ଜେନା ଧନ୍ୟବାଦ ଦେଇଥିଲେ।

# ‘ସେବା ମନୋଭାବ ରହିଲେ ଲୋକଙ୍କ ନିକଟତର ହୋଇପାରିବା’


ମିଶ୍ରଣ ପର୍ବରେ କଂଗ୍ରେସ ନେତା ଓ ନୂତନ କର୍ମୀ।

### କଂଗ୍ରେସର ମିଶ୍ରଣ ପର୍ବ

ତିହିଡ଼ି,୧୫।୧୦ (ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତର ଗାଜିପୁରରେ ରବିବାର କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୋଳସାହି ଓ ପାଳିଆବିନ୍ଧା ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପା ଓ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଯୋଗଦେଇ ସେବା ମନୋଭାବ ରହିଲେ କଂଗ୍ରେସ ଲୋକଙ୍କ ନିକଟତର ହେବା ସହ ପୁଣିଥରେ ଶାସନ କ୍ଷମତାକୁ ଫେରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଧାମନଗର ନେତା ବିଦ୍ୟାଧର ଜେନା ଯୋଗଦେଇ ଆସନ୍ତା ନିର୍ବାଚନ ପାଇଁ ଏବେଠୁ ରଣନୀତି ପ୍ରସ୍ତୁତ କରିବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ଉଦ୍ଧବ ଚରଣ ନାୟକ, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ପଦ୍ମାବତୀ ଜେନା, ଧାମନଗର ବ୍ଲକ ଯୁବ କଂଗ୍ରେସ ସଭାପତି ଆଲୋକ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ରନାଥ ମହାନ୍ତି ଯୋଗ ଦେଇଥିଲେ। ବିପିନ ବିହାରୀ ପତି, ସତ୍ୟନାରାୟଣ ଖାମୁରାଇ, ଦିଲୀପ ବିଶ୍ୱାଳ, ଗଗନ ବିହାରୀ ମହାନ୍ତି, ଜୟୀରାମ ବାରିକ, ଜଗବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ପାଳିଆବିନ୍ଧାରୁ ପ୍ରଦୀପ ସାହୁ, ବଂଶୀଧର ମହାଳିକ, ରବୀନ୍ଦ୍ର ଜେନା, ଲାଲମୋହନ ମହାଳିକ, ଶେକ କାଳନ୍ଦୀ, ଆଦିମ ସାହା ଓ ଦୋଳସାହିରୁ ଲକ୍ଷ୍ମୀଧର ଜେନା, ଭାଗବତ ଜେନା, ଭକ୍ତହରି ବେହେରା, ଲକ୍ଷ୍ମୀଧର ସେଠୀ ପ୍ରମୁଖ କଂଗ୍ରେସରେ ଯୋଗ ଦେଇଛନ୍ତି। ଯୁବନେତା ଚନ୍ଦ୍ରକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

# ସଚେତନତା ଅଦୃଶ୍ୟ ଠକଙ୍କଠାରୁ ସୁରକ୍ଷା ଦେବ



ସାଇବର ସଚେତନତା ଉଦ୍‌ଯାପନୀ ମଞ୍ଚରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୫।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ପୌରପାଳିକା କଲ୍ୟାଣ ମଣ୍ଡପ ସମ୍ମୁଖରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଉମା ଶଙ୍କର ମହାରଣାଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଂସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସାମାଜିକକର୍ମୀ ବିପ୍ଳବ ଭଞ୍ଜନ ବୁଗୁଡ଼େଇ ଯୋଗଦେଇ ସଚେତନତା ହିଁ ଅଦୃଶ୍ୟ ଠକଙ୍କଠାରୁ ସୁରକ୍ଷା ଦେବ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରଥ ଜିଲାବ୍ୟାପି ୨୬ଗୋଟି ବ୍ଲକ୍‌ର ବିଭିନ୍ନ ସହରରୁ ଗାଁ ପର୍ଯ୍ୟନ୍ତ ବୁଲି ଲୋକଙ୍କୁ ସଚେତନତା କରିଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ସାଇବର ସଚେତନତା ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ସମୁଦାୟ ୧୪ ହଜାର ୮୦୪ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥି ସହିତ ବାରିପଦା ସହରରେ ଅକ୍ଟୋବର ୮ ତାରିଖରେ ସାଇକ୍ଲୋଥନ ଏବଂ ଅକ୍ଟୋବର ୧୪ରେ ୱାକେଥନ ଜିଲା ଆରକ୍ଷୀ ଅଧିକ୍ଷକ ବି. ଗଙ୍ଗାଧରଙ୍କ ଉପସ୍ଥିତରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ, ଏସ୍‌ଡିପିଓ, ଥାନା ଅଧିକାରୀ, ଜିଲା ପ୍ରଶାସନର ଜିଲା ଅଧିକାରୀମାନେ ଉପସ୍ଥିତ ଥିଲେ।

# ‘ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ’

ଧାମନଗର, ୧୫।୧୦ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ପୋଲିସ ପକ୍ଷରୁ ଏନ୍‌ଏସି ଅଞ୍ଚଳରେ ସାଇବର ସୁରକ୍ଷା ଅଭିଯାନ ସଚେତନତା ଶୋଭାଯାତ୍ରା କରାଯାଇଛି। ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ଥାନା ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଲୋକଙ୍କୁ ସଚେତନ କରାଇଥିଲେ। ଏସ୍‌ଆଇ ପ୍ରଦୀପ ନାୟକ, ରାଜେଶ ସେଠୀ, କୈଳାସ ଚନ୍ଦ୍ର ପରିଡ଼ା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ସୁରଥ ଚନ୍ଦ୍ର ସେଠୀ, ଅନିଲ ବାରିକ, ନିରାକାର ଧଳ, ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ହେମେନ୍ଦ୍ର ମହାନ୍ତି, ମନୋଜ କୁମାର ଜେନା, ମନୋଜ ସିଂ, ବୀରେନ୍ଦ୍ର କୁମାର ଜେନା, ଏସ୍‌ଏଚ୍‌ଜିର ମହିଳା ପ୍ରମୁଖ ସାମିଲ ହୋଇଥିଲେ।

# ଜନସଚେତନତା ରୋକିବ ସାଇବର ଠକେଇ


ପୋଲିସ ଅଧିକାରୀମାନେ ସଚେତନ କରାଉଛନ୍ତି।

ବାସୁଦେବପୁର,୧୫।୧୦ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୋଲିସପକ୍ଷରୁ ଶନିବାର ସନ୍ଧ୍ୟାରେ ସାଇବର ସଚେତନତା ସଭା ଓ ଶୋଭାଯାତ୍ରା କରାଯାଇଛି। ଥାନା ପରିସରରେ ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର, ଯୁବତୀ ଯୁବକ, ମହିଳା, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ସଚେତନତା ସଭା ହୋଇଥିଲା। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ସାଇବର ଠକେଇ ସମ୍ପର୍କରେ ମତ ରଖି କେଉଁ ପରିସ୍ଥିତିରେ ସାଇବର ଠକେଇ ଘଟୁଛି ଓ ଏ ସମ୍ପର୍କିତ ସଚେତନତା କ’ଣ ନିଆଯିବା ଦରକାର ଲୋକଙ୍କୁ ସୂଚନା ଦେଇଥିଲେ। ଜନସଚେତନତା ସୃଷ୍ଟି ହେଲେ ସାଇବର ଠକେଇକୁ ରୋକାଯାଇ ପାରିବ ବୋଲି ସେ କହିଥିଲେ। ବାସୁଦେବପୁର ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରେ ସାଇବର ଠକେଇ ସଚେତନତା ଶୋଭାଯାତ୍ରାରେ ବାସୁଦେବପୁର ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ।

# ଜିଲାସ୍ତରୀୟ ହାତଧୁଆ ଦିବସ

କେନ୍ଦୁଝର,୧୫।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ମୋଟିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଭାରତ ସ୍କାଉଟ ଓ ଗାଇଡ୍ କେନ୍ଦୁଝର ଶାଖା ପକ୍ଷରୁ ଜିଲାସ୍ତରୀୟ ହାତଧୂଆ ଦିବସ ପାଳିତ ହୋଇଯାଇଛି। ଜିଲା ସ୍କାଉଟ କମିଶନର ସୁଶିଲ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଜିଲାର ୧୧୦ ସ୍କାଉଟ୍ ଓ ଗାଇଡ୍ ଉପସ୍ଥିତ ଥିଲେ। ସ୍କାଉଟ୍ ମାଷ୍ଟର ଫକିର ମୋହନ ମହାନ୍ତ ସ୍ୱାଗତ ଜଣାଇଥିଲେ। ସ୍କାଉଟ ମାଷ୍ଟର ଗୁରୁଚରଣ ମହାନ୍ତ, ଗାଇଡ୍ କ୍ୟାପଟେନ ସଂଯୁକ୍ତା ନାଥ ଓ ସୁଷମା ମହାନ୍ତଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ ଓ ଗାଇଡ୍‌ମାନେ ଗାନ୍ଧୀ ଛକଦେଇ ସହର ପରିକ୍ରମା କରି ସ୍କାଉଟ ଭବନରେ ପହଞ୍ଚିଥିଲେ। ମୋଟିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ହାତଧୂଆ ଦିବସ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ସ୍କାଉଟ କମିଶନର ସୁଶୀଲ ନାୟକ ହାତ ଧୂଆ ତାଲିମ ଦେଇଥିଲେ। ହାତ ଧୋଇ ପ୍ରତ୍ୟେକ ଲୋକଙ୍କୁ ସଚେତନତା କରି ରୋଗମୁକ୍ତ କରିବା ପାଇଁ ସମସ୍ତେ ଶପଥପାଠ କରିଥିଲେ। ମୋଟିବନ୍ଧ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ଶାନ୍ତି କମିଟି ବୈଠକ

ରାଇବଣିଆ,୧୫।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନରେ ହେବାକୁ ଥିବା ଦଶହରା ଏବଂ ରାବଣ ପୋଡ଼ି ଉତ୍ସବ ଲାଗି ପୋଲିସ ପକ୍ଷରୁ ରବିବାର ଅପରାହ୍ନରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଇଆଇସି ରଞ୍ଜୁ ହାସିନୀ କୁଲ୍ଲୁ ଅଧ୍ୟକ୍ଷତା କରିଥିଲେ। କୁସୁଗଡ଼ ଫାଣ୍ଡି ଏସ୍‌ଆଇ ରାମେଶ୍ୱର ସୋରେନ୍, ରାଇବଣିଆ ଥାନା ଏଏସ୍‌ଆଇ ସୁବାସ ଚନ୍ଦ୍ର ସାହୁଙ୍କ ସମେତ ଖୁଆଡ଼, ଓଲମରା, କାଳିକ, କଅଁରପୁର, ପ୍ରହରାଜପୁର, ପୁରୁନପାନି, ଅସାବନ୍ଧ ଗ୍ରାମର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

# ମନ୍ଦିର ପାର୍ଶ୍ୱରୁ ଦୋକାନ ହଟାଇବା ଉଦ୍ୟମକୁ ବିରୋଧ


ପ୍ରତିବାଦ ସଭାରେ ଉପସ୍ଥିତ ଅଞ୍ଚଳବାସୀ।

ଜଳେଶ୍ୱର,୧୫।୧୦(ରବିନାରାୟଣ ପାତ୍ର)

ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନ ୧୨ନଂ. ୱାର୍ଡ ଧାରାଷ୍ଟକ ମୌଜାରେ ଅବସ୍ଥିତ ଶିବ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଦୋକାନ ଗୃହ ଭାଙ୍ଗିବା ଉଦ୍ୟମକୁ ବିରୋଧ କରାଯାଇଛି। ସରକାରୀ ଜାଗାରେ ଦୋକାନ ଥିବା ଦର୍ଶାଇ କେତେଜଣ ବ୍ୟକ୍ତି ହାଇକୋର୍ଟରେ ମାମଲା ରୁଜୁ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ୫୩ବର୍ଷ ପୂର୍ବେ ଜଳେଶ୍ୱର ନୂଆବଜାରର ଧାରାଷ୍ଟକ ମୌଜାରେ ଜଳେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ପ୍ରତିଦିନ ଶତାଧିକ ଭକ୍ତ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ରହିଥାଏ। ଏ ସମସ୍ତ କାର୍ଯ୍ୟକ୍ରମ ଲାଗି ଭକ୍ତଙ୍କଠାରୁ କିଛି ଦାନସୂତ୍ରରେ ଅର୍ଥ ଗ୍ରହଣ କରାଯାଉଥିବା ବେଳେ ମନ୍ଦିର ବେଢ଼ା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଦୋକାନୀଙ୍କଠାରୁ ଭଡ଼ା ସୂତ୍ରରେ ମିଳୁଥିବା ଅର୍ଥକୁ ମନ୍ଦିରର ପରିଚାଳନା କାର୍ଯ୍ୟରେ ବ୍ୟବହାର କରାଯାଉଛି। ମାତ୍ର କେତେଜଣ ବ୍ୟକ୍ତି ଉକ୍ତସ୍ଥାନ ସରକାରୀ ଜାଗା ଦର୍ଶାଇ ହାଇକୋର୍ଟରେ ମାମଲା ରୁଜୁ କରିଥିବାରୁ ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ରବିବାର ଗ୍ରାମବାସୀ ଏକତ୍ରୀତ ହୋଇ ଏହାର ପ୍ରତିବାଦ କରିଥିଲେ। ପୌରପାଳ ପ୍ରତୀପ ପ୍ରଧାନ, ଆଇନ୍‌ଜୀବୀ ଚିନ୍ମୟ ଦାସ, ଶିଶିର ହୁଇ, ମହେଶ୍ୱର ପ୍ରଧାନ, ରମାକାନ୍ତ ଭଞ୍ଜ, ଗ୍ରାମ୍ୟମୁଖ୍ୟ ଭାଗବତ ଦାସ, ନିର୍ମାଳ ସେଣ, ରବିସେନାପତି, ହରିଶ ମହାପାତ୍ର, ଶରତ ପରିଡ଼ା, ଭରତ ଦତ୍ତ, କାଉନ୍‌ସିଲର ବାପି ମହାପାତ୍ର, ଇଶ୍ୱର ଜେନା ପ୍ରମୁଖ ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ। ପୂର୍ବତନ କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ପାଠୀ ସଭାପତିତ୍ୱ କରିଥିଲେ।

# ଭାଜପା ପକ୍ଷରୁ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଖଇରା,୧୫।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରାଠାରେ ଭାଜପାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ, ଡୁଙ୍ଗୁରା ସମିତିସଭ୍ୟ ଶିଶିର କୁମାର ସାମଲ, ସୁଣ୍ଡିରା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ହରିଶଚନ୍ଦ୍ର ପରିଡ଼ା,ଡାଲଙ୍ଗ ସରପଞ୍ଚ ଅଜୟ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଅଭୁତପୁର୍ବ ବିକାଶ ହୋଇଥିବା ପ୍ରକାଶ କରିଥିଲେ। ଶେଷରେ ନିକଟରେ ସଙ୍ଗଠନରେ ଯୋଡ଼ି ହୋଇଥିବା କୋଷାଧ୍ୟକ୍ଷ ଇଂ. ରାଜେଶ ମହାକୁଡ, ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶିକାନ୍ତ ବେହେରା, ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ବେହେରା, ଗଣମାଧ୍ୟମ କ୍ଲଷ୍ଟର ସଂଯୋଜକ ନିଗମାନନ୍ଦ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମାୟାଧର କୁଅଁର, ଲକ୍ଷ୍ମଣ ନାୟକ, ସୁମନ୍ତ ନାୟକ, ଗୌତମ ମୁଖି ପ୍ରମୁଖ ଉପସ୍ଥିତ ଥିଲେ ।

# ଡିସେମ୍ବର ୧୮ରୁ ସନ୍ଦେଭଞ୍ଜୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

କେନ୍ଦୁଝର,୧୫।୧୦(ଦୀପକ ମିଶ୍ର)

କେନ୍ଦୁଝର ସଦର ଅଞ୍ଚଳରେ ଅବସ୍ଥାପିତ ସନ୍ଦେଭଞ୍ଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ ସମାରୋହ ଡିସେମ୍ବର ୧୫ରୁ ୧୭ ଦିନଧରି ଅନୁଷ୍ଠିତ ହେବ। ଏ ନେଇ ରବିବାର ବିଦ୍ୟାଳୟ ପରିସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଭାପତି ସୌମ୍ୟଶଙ୍କର ଚକ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର ୩ ଦିନ ବ୍ୟାପୀ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସମାରୋହକୁ ଅଧିକ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ପୂର୍ବତନ ଛାତ୍ରୀଛାତ୍ରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସ୍ମରଣିକା ‘ସନ୍ଥଭୂମି’ ନିମନ୍ତେ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ ଏବଂ ଶୁଭେଚ୍ଛୁ ସ୍ୱରଚିତ ଲେଖା ପଠାଇବାକୁ ଅନୁରୋଧ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ଉପଦେଷ୍ଟା ତଥା ବିଦ୍ୟାଳୟର ପୁରାତନ ଶିକ୍ଷକ ଶ୍ରୀକାନ୍ତ ମହାନ୍ତ, ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ଜୀବନ ଗିରି, ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ଉପସଭାପତି ଅନାଦି ଚରଣ ପ୍ରଧାନ ଓ ଟଙ୍କଧର ନାଏକ, ଯୁଗ୍ମ ସମ୍ପାଦକ ସଞ୍ଜୟ ନାଏକ ଓ ଲମ୍ବୋଦର ମହାନ୍ତ, କୋଷାଧ୍ୟକ୍ଷ ଦିବ୍ୟଲୋଚନ ସାହୁ ପ୍ରମୁଖ ଯୋଗାଇଦେବେ ବୋଲି କହିଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଢେଙ୍କିକୋଟ୍,୧୫।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାନ୍ତରାପୁରା ପଞ୍ଚାୟତ ସାନ୍ତରାପୁରା ଗ୍ରାମ ଦୁଃଖିଆ ସାହିରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାହିର ଅନାମ ମୁଣ୍ଡାଙ୍କ ସ୍ତ୍ରୀ ତୁଳସୀ ମୁଣ୍ଡା (୬୦)। ସେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ିଯାଇଥିଲେ। ଖବର ପାଇ ଢେଙ୍କିକୋଟ ବିଟ୍ ହାଉସ ଭାରପ୍ରାପ୍ତ ଅଧିକାରୀ ସୁରଥ ଦେହୁରୀ ସଦଳବଳେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ସମ୍ପର୍କରେ ପୋଲିସ ବିଟ୍ ହାଉସ ଭାରପ୍ରାପ୍ତ ଅଧିକାରୀ ଏଏସଆଇ ସୁରଥ ଦେହୁରୀ ଘଟଣାର ତଦନ୍ତ କରୁଛନ୍ତି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ମରାମତି କାର୍ଯ୍ୟ ପାଇଁ ଅକ୍ଟୋବର ୧୬ ତାରିଖ ଦିନ ରଘୁନାଥପୁର, ଶ୍ରୀରାମ ବଜାର, ବଙ୍ଗାଳି ସାହି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
Plot No.-1/A, Jayadev Vihar, Xavier Square, Bhubaneswar-13
Website: www.gkcmorc.org, Email:gkcmorc@gmail.com
ବିଜ୍ଞାପନ
No.RR-22:ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ୨୦୨୩ ନିମନ୍ତେ ଆବେଦନ ପତ୍ର ତା ୧୬।୧୦।୨୩ ରିଖରୁ ତା ୪।୧୧।୨୩ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।
ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର website– www.gkcmorc.orgରେ ଉପଲବ୍ଧ ।
ଇଚ୍ଛୁକ ପ୍ରାର୍ଥୀମାନେ ଏହି websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ । କେବଳ online application ଗ୍ରହଣ କରାଯିବ ।
ସ୍ୱା./–
ମୁଖ୍ୟ କାର୍ଯ୍ୟନିର୍ବାହୀ
OIPR-03004/11/0004/2324

